ପାଠ-୫

# ଠୋ ଠା

ବବ୍‌ଲୁ ବବ୍‌ଲି ଛାଡ଼ିଲେ ଡାକ
ବେଲୁନ୍ ବାଲା ବେଲୁନ୍ ବାଲା
ବେଲୁନ୍ ଦେଇ ଯା
ନାଲିଆ ନେଳି ଭଳିକି ଭଳି ବେଲୁନ୍ ଦେଇ ଯା ।




ବବ୍‌ଲୁ ବବ୍‌ଲି ଖେଳିଲେ ଖେଳ
ବେଲୁନ୍ ଧରି କରିଲେ ଗେଲ
ଆଠଟି ବେଲୁନ୍ ଏକାଠି ଯୋଡ଼ି
ଦେଲେ ଛାଡ଼ି ଗଲା ଆକାଶେ ଉଡ଼ି
ବେଲୁନ୍ ଫାଟିଲା ଠୋ ଠା
ବବ୍‌ଲୁ ବବ୍‌ଲି ହାଃ ହାଃ.....।

# ଅଭ୍ୟାସ

୧. ଛବି ଦେଖି ଶବ୍ଦଗୁଡ଼ିକୁ ପଢ଼ିବା ।


ବଗ


ବତକ



ବହି


ଡାଳ


ନଳ


ଓଠ


ଆତ


ଆଖି


ପିଆଜ


ଚପଲ


ଫୁଲ


କଲମ

୨. କହିଲ ଦେଖି...

- ବବ୍‌ଲୁ ବବ୍‌ଲି କ'ଣ କହିଲେ ?
- କିଏ କିଏ ବେଲୁନ୍‌ବାଲାକୁ ବେଲୁନ୍ ଦେବାକୁ କହିଲେ ?
- ବବ୍‌ଲୁ ବବ୍‌ଲି ବେଲୁନ୍ ଧରି କ'ଣ କଲେ ?
- କେତୋଟି ବେଲୁନ୍ ଧରି ଆକାଶକୁ ଛାଡ଼ିଦେଲେ ?

୩. ପ୍ରଶ୍ନ ୧ର ଛବିଗୁଡ଼ିକ ଭିତରୁ କେଉଁଗୁଡ଼ିକ ଗୋଲାକାର ଓ କେଉଁଗୁଡ଼ିକ ଲମ୍ବାଳିଆ କହିବା ।

୪. (କ) 'ବ' ଅକ୍ଷରକୁ ବଗ ତା ଥଣ୍ଟରେ ଛୁଇଁବ ।

ବଥ ବଳଦ ବଟ

ବନ ଚଟ

ଖଟ ବଳ





KP-115

(ଖ) 'ଲ' ଅକ୍ଷରକୁ ଲତା ଯାଇ ଛୁଇଁବ ।




(ଗ) 'ଳ' ଅକ୍ଷର ଯେଉଁଠି ଅଛି ତା ତଳେ ଗାର ଦେବା ।

ସଳଖ, ବଳଦ, କଳ, ଫଳ, ମାଳ, କଲମ, ବଳ

(ଘ) 'ଆ' ଥିବା ଶବ୍ଦ ଚାରିପଟେ '◯' ବୁଲାଇବା ।

ଠେକୁଆ, ଅଟା, ଚଟ, ଆଖୁ, ଆତ, ବଳ

୫. ବ, ଠ, ଆ, ଲ, ଳ ଅକ୍ଷରରେ ଗାରଟାଣି କେଉଁଠି ଅଛି ଦେଖାଇବା ।



୬. ବାଜା ଶୁଣିବା, ଖଟେଇ ହେବା, ଧୂପବାସ୍ନା ଶୁଙ୍ଘିବା, ବଲ୍ ଖେଳିବା, ଛବି ଆଙ୍କିବା, ବାଘ ଦେଖିବା - ଏହି କାମ ଗୁଡ଼ିକରୁ କେଉଁ କାମ କେଉଁ ଅଙ୍ଗଦ୍ୱାରା କରିବା ?

୭. କେଉଁ କେଉଁ ଜିନିଷ ସହ ହାତର ସମ୍ପର୍କ ଅଛି ?



୮. କହିବା - ତମେ ହାତରେ କି କି କାମ କର ?

୯. ଆଠଟି ବେଲୁନ୍ ଛବି କରି ଗୋଟିକୁ ନାଲି ଓ ତା' ପାଖଟିକୁ ନୀଳ ରଙ୍ଗ ଦେବା । ଏହିପରି ଭାବେ ଆଠଟି ଯାକ ବେଲୁନ୍‌କୁ ରଙ୍ଗ ଦେବା ।

୧୦. ଆସ ଆଙ୍ଗୁଠି ଛାପରୁ ଛବି କରିବା ।

# ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

- ଗୀତଟିକୁ ଅଭିନୟ କରି ଶିକ୍ଷକ ଓ ପିଲାମାନେ ୩/୪ ଥର ଆବୃତ୍ତି କରିବେ। ପଦ, ପଦରୁ ଧାଡ଼ି, ଧାଡ଼ିରୁ ଅଧା ଧାଡ଼ି, ଅଧା ଧାଡ଼ିରୁ ଶବ୍ଦ, ଶବ୍ଦରୁ ଅକ୍ଷର ଚିହ୍ନଟ କରାଯିବ।

- ଅଭ୍ୟାସ କାର୍ଯ୍ୟ ୭କୁ ହାତ ଗୋଡ଼ ଛଡ଼ା ଅନ୍ୟ ଅଙ୍ଗ ସମ୍ପର୍କିତ ଜିନିଷର ନାମ ଶିକ୍ଷକ ପଚାରିବେ ଓ ସେହି ଅଙ୍ଗର ଗୋଟିଏ କାର୍ଯ୍ୟ ପାଇଁ ସୂଚନା ଦେବେ।

- ଅଭ୍ୟାସ କାର୍ଯ୍ୟ ୮ ପାଇଁ ପ୍ରତ୍ୟେକ ପିଲା ଗୋଟିଏ କରି କାମ ବିଷୟରେ କହିବେ। (ପୁନରାବୃତ୍ତି ନ କରି)

- ଅଭ୍ୟାସ କାର୍ଯ୍ୟ ୧୦ରେ ବିଭିନ୍ନ ଆଙ୍ଗୁଠିରେ କାଳି ଲଗାଇ ଯେତେ ସମ୍ଭବ ଅଧିକ ପ୍ରକାରର ଛବି ପ୍ରସ୍ତୁତ କରାଇବେ।

- ଅଭ୍ୟାସ କାର୍ଯ୍ୟ ୪ର କ, ଖ ଓ ଗ ର କାମ ପାଇଁ

  ୧) ସେହି କାମ ଭିତରେ ଅନ୍ୟ ଶବ୍ଦ ନେଇ ମଧ୍ୟ ସମ୍ପୃକ୍ତ ଅକ୍ଷର ଚିହ୍ନିବା କାମ କରାଇବା ଆବଶ୍ୟକ।

  ୨) ଏଥିପାଇଁ. ଚିତ୍ର କାର୍ଡ଼, ଅକ୍ଷର କାର୍ଡ଼ ପ୍ରସ୍ତୁତ କରି ଏହିପରି କାମ କରାଇବା ମଧ୍ୟ ଆବଶ୍ୟକ।

- ୨୫ ପିରିଅଡ଼ରେ ଏହି ପାଠରେ ଲ, ଳ, ବ, ଠ, ଆ ଅକ୍ଷର ଚିହ୍ନିବା ଓ ପଢ଼ିବା, ଆବୃତ୍ତି କରିବା, ବାହ୍ୟଅଙ୍ଗ ଚିହ୍ନିବା ଓ ସେମାନଙ୍କ କାର୍ଯ୍ୟ କହିବା, ୧ ରୁ ୯ ଯାଏ ଗଣିବା, ସୂଚନା ବୁଝି ସରଳ ବାକ୍ୟରେ ନିଜ ଭାବକୁ ପ୍ରକାଶ କରିବା, ବିଭିନ୍ନ ଆକୃତିକୁ ଚିହ୍ନିବା, ବିଭିନ୍ନ ଚିତ୍ର ଆଙ୍କିବା ଇତ୍ୟାଦି ଦକ୍ଷତାର ବିକାଶ ହେବା ଆବଶ୍ୟକ।